# ଭାରତ ପରାଜୟର ୪ ଭିଲେନ



ଲର୍ଡ୍ସ,୧୫/୦୭(ନ୍ୟୁ.ଏ):କ୍ରିକେଟର ମକ୍କା ଲର୍ଡ୍ସ ଗ୍ରାଉଣ୍ଡରେ ଖେଳା ଯାଇଥିବା ତୃତୀୟ ଟେଷ୍ଟରେ ଭାରତ ୨୨ ରନରେ ପରାଜିତ ହୋଇଛି । ବିଜୟ ସହ ଇଂଲଣ୍ଡ ସିରିଜ୍‌ରେ ୨-୧ରେ ଅଗ୍ରଣୀ ହାସଲ କରିଛି । ଭାରତୀୟ ଦଳକୁ ମିଳିଥିଲା ୧୯୩ ରନର ବିଜୟ ଲକ୍ଷ୍ୟ । ହେଲେ ଟପ୍ ଅର୍ଡର ବ୍ୟାଟରଙ୍କ ନିରାଶଜନକ ପ୍ରଦର୍ଶନ କାରଣରୁ ଭାରତ ଜିତିବା ମ୍ୟାଚ୍‌କୁ ହାରି ଯାଇଛି । ରବୀନ୍ଦ୍ର ଜାଡ଼େଜା ଏକା ସଂଘର୍ଷ କରି ୬୧ ରନର ଇନିଂସ ଖେଳିଛନ୍ତି । ୮୨ ରନରେ ୭ ୱିକେଟ୍ ପତନ ପରେ ବି ଜାଡ଼େଜା ଯେଉଁଭଳି ଭାବେ ବୁମରା ଓ ସିରାଜଙ୍କୁ ସାଥୀ କରି ଦଳର ବିଜୟ ଆଶା ଜୀବିତ ରଖିଥିଲେ, ତାହା ପ୍ରଶଂସାର ଯୋଗ୍ୟ । ତାଙ୍କର ଏହି ଇନିଂସ କୌଣସି ଯୋଦ୍ଧାଠୁ କମ ନ ଥିଲା । ଶେଷରେ ଭାରତ ପରାଜିତ ହୋଇଛି । ତେବେ ଲର୍ଡ୍ସରେ ଭାରତୀୟ ଦଳର ପରାଜୟରେ କିଛି ପ୍ରମୁଖ କାରଣ ରହିଛି । ୧. ଲର୍ଡସ୍ ପରୀକ୍ଷାରେ ବିଫଳ ଯଶସ୍ୱୀ ଜୟସ୍ୱାଲ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ଏପର୍ଯ୍ୟନ୍ତ ସିରିଜର ଚାରୋଟି ଇନିଂସରେ ୨୨୦ ରନ କରିଥିଲେ, ଯେଉଁଥିରେ ଗୋଟିଏ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ସାମିଲ । ଏବେ ଲର୍ଡସ୍ ଟେଷ୍ଟର ପାଳି ଥିଲା, ଯେଉଁଠାରେ ପିଚ୍ ବଡ଼ ବଡ଼ ବ୍ୟାଟରଙ୍କ ପାଇଁ ଅଗ୍ନିପରୀକ୍ଷା ପାଲଟିଥାଏ । ଜୟସ୍ୱାଲ ଏହି ପରୀକ୍ଷାରେ ବିଫଳ ହୋଇଥିଲେ କାରଣ ସେ ଲର୍ଡସ୍ ଟେଷ୍ଟର ଉଭୟ ଇନିଂସରେ କେବଳ ୧୩ ରନ କରିପାରିଥିଲେ । ତାଙ୍କର ବିଫଳତା ଅନ୍ୟ ଭାରତୀୟ ବ୍ୟାଟର ଉପରେ ଚାପ ସୃଷ୍ଟି କରିଥିଲା । ୨. ନାଇଟ୍‌ୱାଚମ୍ୟାନ ନିଷ୍ପତ୍ତି ଭୁଲ୍ ଚତୁର୍ଥ ଦିନ ଖେଳରେ ଇଂଲଣ୍ଡର ଦ୍ୱିତୀୟ ଇନିଂସରେ ୧୯୨ ରନରେ ଅଲଆଉଟ୍ ହୋଇଥିଲା । ଲର୍ଡସର ପିଚ୍ ବ୍ୟାଟିଂ ପାଇଁ କଷ୍ଟକର ହୋଇ ପଡ଼ିଥିଲା । ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତ ୪ ୱିକେଟ ହରାଇ ମାତ୍ର ୫୮ ରନ କରିଥିଲା । ପ୍ରାରମ୍ଭିକ ତିନୋଟି ୱିକେଟ ଖସିବା ପରେ, ଟିମ୍ ଇଣ୍ଡିଆ ଆକାଶଦୀପଙ୍କୁ ନାଇଟ୍ ୱାଚମ୍ୟାନ ଭାବରେ ବ୍ୟାଟିଂ କରିବାକୁ ପଠାଇଥିଲା, ଯିଏ ଦିନର ଶେଷ ଓଭରରେ କ୍ଲିନ୍ ବୋଲ୍ଡ ହୋଇଥିଲେ । ନାଇଟ୍ ୱାଚମ୍ୟାନ ପଠାଇବା ପ୍ରମାଣ କରିଥିଲା ଯେ ଟିମ୍ ଇଣ୍ଡିଆ ଆତ୍ମରକ୍ଷା ମୋଡକୁ ଆସିଛି । ଚତୁର୍ଥ ଦିନ ଶେଷରେ ଋଷଭ ପନ୍ତ, ନୀତିଶ କୁମାର ରେଡ୍ଡୀ କିମ୍ବା ୱାଶିଂଟନ ସୁନ୍ଦରଙ୍କୁ ମଧ୍ୟ ବ୍ୟାଟିଂ ପାଇଁ ପଠାଯାଇପାରିଥାନ୍ତା । ଚତୁର୍ଥ ଦିନ ଇଂଲଣ୍ଡର ବୋଲରମାନେ ମ୍ୟାଚ୍ ଉପରେ ସମ୍ପୂର୍ଣ୍ଣ ପ୍ରଭାବ ପକାଇବା ଆରମ୍ଭ କରିଥିଲେ । ଏହାର ମୁକାବିଲା ପାଇଁ ଭାରତକୁ ଜଣେ ବ୍ୟାଟରଙ୍କୁ ବ୍ୟାଟିଂ ପାଇଁ ପଠାଇବା ଉଚିତ ହୋଇଥାନ୍ତା । ୩. ଚାପର ବଶବର୍ତ୍ତୀ ହେଲେ ଅଧିନାୟକ ଶୁଭମନ ଗିଲ୍ ଏହା ବାସ୍ତବ ଯେ ଯଦି ଦଳର ଅଧିନାୟକ ଆତ୍ମବିଶ୍ୱାସରେ ଥାଆନ୍ତି, ତେବେ ସେହି ଦଳର ଅନ୍ୟ ଖେଳାଳିମାନେ ମଧ୍ୟ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ଦେଖାଯାଆନ୍ତି । କିନ୍ତୁ ଲର୍ଡସ୍ ଟେଷ୍ଟରେ, ଅଧିନାୟକ ଶୁଭମନ ଗିଲ୍ ଚାପରେ ଦେଖାଯାଉଥିଲେ, ଯିଏ ଉଭୟ ଇନିଂସରେ ମିଶି ମାତ୍ର ୨୨ ରନ୍ କରିଥିଲେ । ଦ୍ୱିତୀୟ ଇନିଂସରେ, ଗିଲ୍ ୯ଟି ବଲ୍ ସାମ୍ନା କରିଥିଲେ, ଯେଉଁଥିରେ ସେ ଅଧାରୁ ଅଧିକ ବଲ୍ ଠିକରେ ଖେଳି ପାରି ନ ଥିଲେ । ୪. କରୁଣ ନାୟର ବାରମ୍ବାର ବିଫଳ ଦୀର୍ଘ ୮ ବର୍ଷ ପରେ ଟେଷ୍ଟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା କରୁଣ ନାୟର ବାରମ୍ବାର ବିଫଳ ହେବା ଭାରତୀୟ ଦଳର ମଧ୍ୟକ୍ରମରେ ଚାପ ସୃଷ୍ଟି କରିଥିଲା । ସିରିଜର ୬ଟି ଇନିଂସରେ କରୁଣ ଗୋଟିଏ ବି ଅର୍ଦ୍ଧଶତକ ହାସଲ କରି ପାରି ନାହାନ୍ତି । ଯଦି ଲର୍ଡ୍ସ ଟେଷ୍ଟରେ ସେ ୪୦/୫୦ ରନ କରି ପାରିଥାନ୍ତେ ତେବେ ଦଳକୁ ଆଜି ଏମିତି ଦଶା ଭୋଗିବାକୁ ପଡ଼ି ନ ଥାନ୍ତା । ସର୍ବଦା ଭଲ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ସମୟରେ କରୁଣ ନାୟର ଆଉଟ୍ ହେବା ଦଳକୁ ଏବେ ମହଙ୍ଗା ପଡ଼ିଛି । ଲର୍ଡ୍ସ ଟେଷ୍ଟର ପ୍ରଥମ ଇନିଂସରେ କରୁଣ ୪୦ ରନ ଓ ଦ୍ୱିତୀୟ ଇନିଂସରେ ମାତ୍ର ୧୪ ରନ କରିଥିଲେ ।

# ମାଂଚେଷ୍ଟର ଟେଷ୍ଟ ପାଇଁ ଇଂଲଣ୍ଡ ଦଳ ଘୋଷଣା



ନୂଆଦିଲ୍ଲୀ,୧୫/୦୭(ନ୍ୟୁ.ଏ):ଲର୍ଡ୍ସ ଟେଷ୍ଟରେ ବିଜୟ ପରେ ମାଂଚେଷ୍ଟରରେ ହେବାକୁ ଥିବା ଚତୁର୍ଥ ମ୍ୟାଚ୍ ପାଇଁ ଇଂଲଣ୍ଡ ଦଳ ଘୋଷଣା କରିଛି । ଲର୍ଡ୍ସ ଟେଷ୍ଟ ମ୍ୟାଚ୍‌ରେ ବିଜୟ ମୁହୂର୍ତ୍ତ ଦେଇଥିବା ଶୋଏବ ବସିରଙ୍କୁ ଦଳରୁ ବାଦ୍ ଦିଆଯାଇଛି । ବସିରଙ୍କ ଆଙ୍ଗୁଠିରେ ଆଘାତ ଲାଗିଛି । ତେଣୁ ସେ ସିରିଜ୍‌ରେ ଅବଶିଷ୍ଟ ମ୍ୟାଚ୍ ଖେଳି ପାରିବେ ନାହିଁ । ତାଙ୍କ ସ୍ଥାନରେ ଅନୁଭବୀ ସ୍ପିନର ଲିୟାମ ଡାସନଙ୍କୁ ଦଳରେ ସାମିଲ କରାଯାଇଛି । ଶୋଏବ ବସିରଙ୍କ ପ୍ରଦର୍ଶନ ଏହି ସିରିଜ୍ ସେତେ ଉତ୍ସାହଜନକ ନ ଥିଲା । ମାତ୍ର ଲର୍ଡ୍ସ ଟେଷ୍ଟରେ ମହମ୍ମଦ ସିରାଜଙ୍କୁ ଆଉଟ୍ କରି ସେ ଦଳକୁ ବିଜୟର ମୁହୂର୍ତ୍ତ ଦେଇଥିଲେ । ଏବେ ସିରିଜ୍‌ର ଅବଶିଷ୍ଟ ଦୁଇଟି ମ୍ୟାଚ୍‌ରେ ତାଙ୍କୁ ଦେଖିବାକୁ ମିଳିବ ନାହିଁ । ତୃତୀୟ ଟେଷ୍ଟରେ ଋଷଭ ପନ୍ତଙ୍କ ଏକ ସଟ୍ ତାଙ୍କ ବାମ ହାତର ସବୁଠୁ ଛୋଟ ଆଙ୍ଗୁଠିରେ ବାଜିବାରୁ ବଡ଼ ଆଘାତ ଲାଗିଛି । ଅନ୍ୟପଟେ ଲିୟାମ ଡାସନଙ୍କ କ୍ୟାରିୟର ଉପରେ ନଜର ପକାଇଲେ ସେ ୨୦୧୬-୧୭ରେ ଇଂଲଣ୍ଡ ପାଇଁ ମୋଟ୍ ୩ଟି ଟେଷ୍ଟ ଖେଳି ସାରିଛନ୍ତି । ଏଥିରୁ ଗୋଟିଏ ମ୍ୟାଚ୍ ସେ ଭାରତ ବିପକ୍ଷରେ ଖେଳିଥିଲେ । ତେବେ ଘରୋଇ କ୍ରିକେଟ୍‌ରେ ତାଙ୍କର ବେଶ ଅଭିଜ୍ଞତା ରହିଛି । ଏହି କାରଣରୁ ଏହି ଅନୁଭବୀ ସ୍ପିନରଙ୍କୁ ଇଂଲଣ୍ଡ ନିଜ ଦଳରେ ସାମିଲ କରିଛି । ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଡାସନ ୩୭୧ ୱିକେଟ୍ ନେଇଛନ୍ତି । ଏହା ବାଦ୍ ଇଂଲଣ୍ଡ ଦଳରେ ଆଉ କୌଣସି ପରିବର୍ତ୍ତନ ଘଟିନି । ଚତୁର୍ଥ ଟେଷ୍ଟ ପାଇଁ ଇଂଲଣ୍ଡ ଦଳ ବେନ ଷ୍ଟୋକ୍ସ(ଅଧିନାୟକ), ଜୋଫ୍ରା ଆର୍ଚର, ଗସ ଏଟକିଁସନ, ଜ୍ୟାକବ ବେଥେଲ, ହ୍ୟାରି ବ୍ରୁକ, ବ୍ରାଇଡନ କାର୍ସ, ଜ୍ୟାକ କ୍ରାଉଲି, ଲିୟାମ ଡାସନ, ବେନ ଡକେଟ୍, ଓଲି ପୋପ, ଜୋ ରୁଟ୍, ଜେମି ସ୍ମିଥ(ୱିକେଟ୍ କିପର), ଜୋଶ ଟଙ୍ଗ ଓ କ୍ରିସ୍ ୱୋକ୍ସ ।

# କୋର୍ଟରେ ସରେଣ୍ଡର କଲେ ରାହୁଲ ଗାନ୍ଧୀ



ଲକ୍ଷ୍ନୌ,୧୫/୦୭(ନ୍ୟୁ.ଏ):ଲକ୍ଷ୍ନୌର ସାଂସଦ-ବିଧାୟକ କୋର୍ଟ ଭାରତୀୟ ସୈନିକଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ମାମଲାରେ, ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଜାମିନ ପ୍ରଦାନ କରିଛନ୍ତି । କୋର୍ଟ ୨୦ ହଜାର ଟଙ୍କାର ମୁଚଲିକାରେ ଜାମିନ ଦେଇଛନ୍ତି । ରାହୁଲ ଗାନ୍ଧୀ ଭାରତ ଯୋଡୋ ଯାତ୍ରା ବେଳେ ଦେଇଥିବା ବିବୃତ୍ତିକୁ ନେଇ ରୁଜୁ ଏହି ମାମଲାରେ ପ୍ରଥମ ପାଂଚୋଟି ଶୁଣାଣିରେ ହାଜର ହୋଇ ନଥିଲେ । ମଙ୍ଗଳବାର ସେ ଆଡିସନାଲ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଆଲୋକ ବର୍ମାଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ ହାଜର ହୋଇ ସରେଣ୍ଡର କରିବା ସହ ଜାମିନ ଆବେଦନ ଦାଖଲ କରିଥିଲେ । ଲାଇଭ୍ ଲ'ର ମୁତାବିକ, ରାହୁଲ ଗାନ୍ଧୀ ୫ଟି ଶୁଣାଣିରେ ଅନୁପସ୍ଥିତ ରହିବା ପରେ ଏହିଥର ଆଡିସନାଲ ଚିଫ୍ ଜୁଡିସାଲ ମାଜିଷ୍ଟ୍ରେଟ୍ ଆଲୋକ ବର୍ମାଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ । ଉଲ୍ଲେଖନୀୟ ଯେ, ମେ'ରେ ଆହ୍ଲାବାଦ ହାଇକୋର୍ଟ ତାଙ୍କର ଆବେଦନକୁ ଖାରଜ କରି ଦେଇ ଥିଲେ, ଯାହାପରେ ସେ ହାଜର ହୋଇଥିଲେ । ଏହି ପିଟିସନ ସେ ମାନହାନି ମାମଲା ଓ ଲକ୍ଷ୍ନୌର ଏମପି-ଏମଏଲଏ କୋର୍ଟ ଦ୍ୱାରା ଫେବ୍ରୁଆରୀ ୨୦୨୫ରେ ପାରିତ ସମନ ଆଦେଶ ଉଭୟକୁ ଚ୍ୟାଲେଂଚ ଦେଇଥିଲେ । କଣ ଥିଲା ମାମଲା – ସୀମା ସଡ଼କ ସଙ୍ଗଠନର ଅବସରପ୍ରାପ୍ତ ନିର୍ଦ୍ଦେଶକ ଉଦୟ ଶଙ୍କର ଶ୍ରୀବାସ୍ତବ କୋର୍ଟ ସମ୍ମୁଖରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ମାନହାନି ଅଭିଯୋଗ ଦାୟର କରିଥିଲେ । ସେ କହିଥିଲେ ଯେ, ରାହୁଲ ଗାନ୍ଧୀ ୧୬ ଡିସେମ୍ବର ୨୦୨୨ରେ ଭାରତ ଯୋଡୋ ଯାତ୍ରା ବେଳେ ଭାରତୀୟ ସେନାର ଅପମାନ କରିଥିଲେ , ସେ ୯ଡିସେମ୍ବର ୨୦୨୨ରେ ଅରୁଣାଚଳ ପ୍ରଦେଶର ସୀମାରେ ଭାରତୀୟ ସେନା ଓ ଚାଇନା ସେନା ମଧ୍ୟରେ ହୋଇଥିବା ସଂଘର୍ଷ ବିଷୟରେ ଗଣମାଧ୍ୟମ ଓ ଲୋକଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଲୋକେ ଭାରତ ଯୋଡୋ ଯାତ୍ରା ବିଷୟରେ ପଚାରିବେ କିନ୍ତୁ ଚାଇନା ସୈନିକଙ୍କ ଦ୍ୱାରା ଆମର ସୈନିକଙ୍କୁ ମାଡ଼ ମାରିବା ବିଷୟରେ ଥରୁଟିଏ ବି ପ୍ରଶ୍ନ ପଚାରିବେ ନାହିଁ । ଅଭିଯୋଗକାରୀ ଅଭିଯୋଗ କରିଛନ୍ତି ଯେ , ଚାଇନା ସୈନିକଙ୍କ ଦ୍ୱାରା ଭାରତୀୟ ସୈନିକଙ୍କୁ ମାଡ଼ ମାରିବା ବିଷୟରେ ରାହୁଲଙ୍କ ବିବୃତ୍ତିରେ ତାଙ୍କର ଭାବନା ଆହତ ହୋଇଛି । ରାହୁଲ ଗାନ୍ଧୀଙ୍କ ଏହି ବୟାନ ପରେ ଭାରତୀୟ ସେନା ଅଧିକାରୀ ଅଫିସିଆଲି ବୟାନ ମଧ୍ୟ ଜାରି କରିଥିଲେ । ସେନା କହିଥିଲେ ଯେ, ଚାଇନା ସେନା ଭାରତୀୟ ସୀମାରେ ଅତିକ୍ରମଣ କରୁଥିଲେ , ଯାହାର ଭାରତୀୟ ସେନା ଉପଯୁକ୍ତ ଜବାବ ଦେଇଥିଲା । ଏହାପରେ ଚାଇନା ସେନା ଫେରି ଯାଇଥିଲା ।

# ଏଣିକି ଲୋକସଭାରେ ଉପସ୍ଥାନ ପକାଇବେ ସାଂସଦ

ନୂଆଦିଲ୍ଲୀ,୧୫/୦୭(ନ୍ୟୁ.ଏ):ଏଣିକି ଲୋକସଭାରେ ପ୍ରେଜେଣ୍ଟ ପକାଇବେ ସାଂସଦ । ଅନୁପସ୍ଥିତ ରହିବାର ବାହାନା କାମ କରିବ ନାହିଁ । ଲୋକସଭାରେ ସାଂସଦଙ୍କ ଉପସ୍ଥିତିର ନୂଆ ହାଇଟେକ୍ ସିଷ୍ଟମ । ପ୍ରତିଦିନ ଦେବାକୁ ପଡିବ ହିସାବ । ଏବେ ଲୋକସଭାରେ ସାଂସଦଙ୍କ ଉପସ୍ଥିତି ରେକର୍ଡ କରିବାର ପଦ୍ଧତି ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି । ପୂର୍ବରୁ ସାଂସଦମାନଙ୍କୁ ଲବିକୁ ଯାଇ ରେଜିଷ୍ଟରରେ ସେମାନଙ୍କର ଉପସ୍ଥିତି ରେଜିଷ୍ଟରରେ ପରିଚାଳନା କରିବାକୁ ପଡୁଥିଲା । କିନ୍ତୁ ଏବେ ଏହି ସିଷ୍ଟମ୍ ରହିବ ନାହିଁ । ଲାଗୁ ହେବାକୁ ଯାଉଥିବା ନୂଆ ପଦ୍ଧତି ସାଂସଦମାନଙ୍କ ସମୟ ବଂଚାଇବ । ସାଂସଦମାନଙ୍କ ଆସନ ପାଖରେ ଏକ ଇଲୋକ୍ଟ୍ରୋନିକ୍ ସିଷ୍ଟମ୍ ରହିବ । ଇଲେକ୍ଟ୍ରୋନିକ୍ ଭାବରେ ସେମାନଙ୍କର ଆଟେନ୍‌ଡାନ୍ସ ପକାଇବେ ସାଂସଦ । ସଂସଦର କାର୍ଯ୍ୟରେ ସ୍ୱଚ୍ଛତା ଏବଂ ସାଂସଦଙ୍କ ଦାୟିତ୍ୱ ବୃଦ୍ଧି କରିବା ଲକ୍ଷ୍ୟରେ ଏହି ଡିଜିଟାଲ୍ ପରିବର୍ତ୍ତନ କାର୍ଯ୍ୟକାରୀ କରାଯାଇଛି । ଏହା ସହିତ, ଅନୁପସ୍ଥିତି ମାମଲାଗୁଡ଼ିକୁ ମଧ୍ୟ କଡ଼ାକଡ଼ି ଭାବରେ ତଦାରଖ କରାଯାଇପାରିବ । ବର୍ତ୍ତମାନ ପର୍ଯ୍ୟନ୍ତ, ସାଂସଦମାନଙ୍କୁ ଲୋକସଭାରେ ସେମାନଙ୍କର ଉପସ୍ଥିତି ଚିହ୍ନିତ କରିବା ପାଇଁ ଏକ ସ୍ୱତନ୍ତ୍ର ଲବିକୁ ଯିବାକୁ ପଡୁଥିଲା, ଯେଉଁଠାରେ ଅନେକ ଥର ପ୍ରବଳ ଭିଡ଼ ଦେଖାଯାଉଥିଲା । ଏପରି ପରିସ୍ଥିତିରେ, ପ୍ରାୟତଃ କିଛି ସାଂସଦ କେବଳ ସେମାନଙ୍କର ନାମ ପଞ୍ଜିକରଣ କରି ଚାଲିଯାଉଥିଲେ, ଯେତେବେଳେ ସେମାନେ କାର୍ଯ୍ୟରେ ଅଂଶଗ୍ରହଣ କରୁନଥିଲେ । ଏହାକୁ ରୋକିବା ପାଇଁ, ଏବେ ସଂସଦରେ ଏକ ହାଇ-ଟେକ୍ ଉପସ୍ଥାନ ବ୍ୟବସ୍ଥା ଆଣିବାକୁ ଯୋଜନା କରାଯାଉଛି ।

# ମର୍ଯ୍ୟାଦାଜନକ 'କଳିଙ୍ଗ ରତ୍ନ-୨୦୨୪' ସମ୍ମାନରେ ବିଭୂଷିତ ହେଲେ ଧର୍ମେନ୍ଦ୍ର ପ୍ରଧାନ



କଟକ,୧୫/୦୭(ନ୍ୟୁ.ଏ):ଏକବିଂଶ ଶତାବ୍ଦୀରେ ଆମେ ଆମର ଓଡ଼ିଆ ଭାଷାକୁ ଶିଖରକୁ ନେବା ପାଇଁ ଉଦ୍ୟମ କରିବା ପାଇଁ ହେବ । ବର୍ତ୍ତମାନର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମରେ ଆମର ଭାଷା ଓ ସାହିତ୍ୟକୁ ସୁସମୃଦ୍ଧ କରିବା ପାଇଁ ବ୍ୟକ୍ତିଗତ ସ୍ତରରେ ପ୍ରଚେଷ୍ଟା କରିବାକୁ ହେବ । ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ପ୍ରତିଦିନ ଗୁଗୁଲ ପରି ପ୍ଲାଟଫର୍ମରେ ଓଡ଼ିଶାର ସଂସ୍କୃତି ଓ ଇତିହାସ ସମ୍ପର୍କରେ କିଛି ପ୍ରଶ୍ନ ପଚାରିବା ଆବଶ୍ୟକ । ଏହା ଦ୍ୱାରା ଆମର ଓଡ଼ିଶା ସମ୍ପର୍କରେ ଡିଜିଟାଲ ଜ୍ଞାନ ଭଣ୍ଡାର ସୁସମୃଦ୍ଧ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କଟକ ଠାରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ଏବଂ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜଗତସିଂହପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଆଦିକବି ସାରଳା ଦାସ ଓଡ଼ିଆ ମହାଭାରତ ରଚନା କରି ଆମ ସାହିତ୍ୟ ଜଗତକୁ ନୂଆ ଦିଗଦର୍ଶନ ଦେଇଥିଲେ । ସେ ଜନ୍ମ ଗ୍ରହଣ କରିଥିବା ଜଗତସିଂହପୁର ଜିଲ୍ଲା ହଜାର ହଜାର ବର୍ଷର ପୁରାତନ ଐତିହ୍ୟର ମୂକସାକ୍ଷୀ । ଏହି ଅଂଚଳରୁ ଓଡ଼ିଆ ସାଧବ ପୁଅମାନେ ନୌବାଣିଜ୍ୟ କରି ଓଡ଼ିଶାକୁ ବୈଭବ ଆଣିଛନ୍ତି । କଣ୍ଟିଲୋର ପାତ୍ର ସାମଗ୍ରୀ ପରି ଆମ ରାଜ୍ୟରେ ଉତ୍ପାଦନ ହେଉଥିବା ଉତ୍ପାଦ ବିଦେଶରେ ବିକ୍ରି ହେଉଛି, ଯାହା ଆମ ରାଜ୍ୟର ସମୃଦ୍ଧ ବାଣିଜ୍ୟ ଇତିହାସକୁ ପ୍ରତିଫଳିତ କରୁଛି । ଆମର ମହାନ ବିଭୂତିମାନଙ୍କ ପ୍ରୟାସରେ ଓଡ଼ିଆ ଭାଷା ; ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଆ ଭାଷା ସମେତ ଦେଶରେ ସବୁ ମାତୃଭାଷାକୁ ଗୁରୁତ୍ୱ ଦିଆଯାଉଛି । ସବୁ ମାତୃଭାଷା ରାଷ୍ଟ୍ରୀୟ ଭାଷା ବୋଲି ପ୍ରଧାନମନ୍ତ୍ରୀ ନିଜେ କହିଛନ୍ତି । ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀଙ୍କୁ ପ୍ରଥମରୁ ପଂଚମ ପର୍ଯ୍ୟନ୍ତ ମାତୃଭାଷାରେ ପାଠ ପଢାଇବାର ବ୍ୟବସ୍ଥା ହୋଇଛି । ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଭାରତର ମାନନୀୟା ରାଷ୍ଟ୍ରପତିଙ୍କ କରକମଳରୁ ମର୍ଯ୍ୟାଦାଜନକ 'କଳିଙ୍ଗ ରତ୍ନ-୨୦୨୪' ସମ୍ମାନରେ ବିଭୂଷିତ ହୋଇଛନ୍ତି । ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିବା ମୋ ପାଇଁ ଗର୍ବ ଓ ଅତ୍ୟନ୍ତ ଭାବାବେଗର ବିଷୟ ।

# 'ଭାରତ ଏବଂ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ହୋଇଥାନ୍ତା': ଟ୍ରମ୍ପ



ନୂଆଦିଲ୍ଲୀ,୧୫/୦୭(ନ୍ୟୁ.ଏ):ବିଶ୍ୱବ୍ୟାପୀ ଚାଲିଥିବା ଯୁଦ୍ଧର ସମାଧାନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶ୍ରେୟ ଦିଆଯାଉଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧକୁ ବନ୍ଦ କରିଦେଇଥିବା ନିଜେ ଡୋନାଲ୍ଡ ଟ୍ରମ୍ପ ଦାବି କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାରତ ସରକାର ଏହାକୁ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର କରିଛନ୍ତି । ଏହି ସମୟରେ ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ସମାନ ସ୍ୱର ଗାଇବା ଆରମ୍ଭ କରିଛନ୍ତି । ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ କହିଛନ୍ତି ଯେ, ଆମେ ଯୁଦ୍ଧ ସମାଧାନ କରିବାରେ ସଫଳ ହୋଇଛୁ । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଯେପରି ଚାଲିଥିଲା, ଗୋଟିଏ ସପ୍ତାହ ମଧ୍ୟରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ହୋଇଥାନ୍ତା । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧ ସମୟରେ ଭାରତ ପାକିସ୍ତାନର ଅନେକ ସାମରିକ ଘାଟିକୁ ଟାର୍ଗେଟ କରିଥିଲା । ଏହା ପରେ, ପାକିସ୍ତାନ ଆଣ୍ଠୁ ମାଡ଼ି ବସିଥିଲା । ଭାରତୀୟ ସେନାର ଡିଜିଏମଓଙ୍କ ସହିତ କଥା ହୋଇ ଯୁଦ୍ଧବିରତି ପ୍ରସ୍ତାବ ଦେଇଥିଲେ ପାକିସ୍ତାନୀ ସେନାର ଡିଜିଏମଓ । ଏହା ପରେ ଡୋନାଲ୍ଡ ଟ୍ରମ୍ପ କହିବା ଆରମ୍ଭ କଲେ ଯେ ସେ ଦୁଇ ଦେଶ ମଧ୍ୟରେ ଏକ ସମାଧାନ ଆଣିଛନ୍ତି । ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ଆମେରିକାର ନିର୍ଦ୍ଦେଶରେ ହୋଇନାହିଁ, ବରଂ ପାକିସ୍ତାନର ଡିଜିଏମଓ ଭାରତର ଡିଜିଏମଓଙ୍କ ସହ କଥା ହୋଇ ଯୁଦ୍ଧବିରତି ପ୍ରସ୍ତାବ ଦେଇଛନ୍ତି । ଗୋଟିଏ ପଟେ, ଡୋନାଲ୍ଡ ଟ୍ରମ୍ପ ସାରା ବିଶ୍ୱରେ ଚାଲିଥିବା ଯୁଦ୍ଧ ମଧ୍ୟରେ ବାରମ୍ବାର ଯୁଦ୍ଧବିରତି ଏବଂ ଚୁକ୍ତିନାମାର ଶ୍ରେୟ ନେଉଛନ୍ତି । ଅନ୍ୟପଟେ, ଆମେରିକା ୟୁକ୍ରେନକୁ ମଧ୍ୟ ଅସ୍ତ୍ର ପଠାଉଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର କହିଥିଲେ ଯେ ତାଙ୍କ ପ୍ରଶାସନ ଋଷ ସହିତ କିଭଳି ବିବାଦ ମଧ୍ୟରେ ୟୁକ୍ରେନକୁ ପାଟ୍ରିଅଟ୍ ଏୟାର ଡିଫେନ୍ସ ମିଶାଇଲ ପଠାଇବ ।







# ଟ୍ରମ୍ପଙ୍କ ୫୦ ଦିନିଆ ଅଲଟିମେଟମକୁ ରୁଷ୍‌ର କଡ଼ା ଜବାବ



ବ୍ଲୁମବର୍ଗ,୧୫/୦୭(ନ୍ୟୁ.ଏ):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ ଯୁଦ୍ଧକୁ ନେଇ ରୁଷ ଉପରେ ଚାପ ବଢାଇ ଦେଇଛନ୍ତି । ସେ ଧମକ ଦେଇଛନ୍ତି ଯେ, ଯଦି ରୁଷ୍ ୫୦ଦିନ ଭିତରେ ୟୁକ୍ରେନ ଉପରେ ହମଲା ବନ୍ଦ ନକରେ, ତ ଆମେରିକା ଏହାର ଅର୍ଥବ୍ୟବସ୍ଥା ଉପରେ ୧୦୦ ପ୍ରତିଶତ ଯାଏ ଖୁବ୍ ଟାରଫ୍ ଲଗାଇବ । କିନ୍ତୁ ରୁଷ୍ ଏହି ଚେତାବନୀକୁ ସଂପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ଦେଇଛି । ରୁଷୀୟ ଉପ-ବିଦେଶ ମନ୍ତ୍ରୀ ସର୍ଗେଇ ରୟାବକୋଭ୍ ସରକାରୀ ନ୍ୟୁଜ୍ ଏଜେନ୍ସି TASS ସହ କଥାବାର୍ତ୍ତାରେ କହିଛନ୍ତି, ଆମେ କୌଣସି ବି ପ୍ରକାରର ଅଲଟିମେଟମ୍‌କୁ ସ୍ୱୀକାର କରି ନାହୁଁ । କ୍ରେମଲିନ ମୁଖପାତ୍ର ଡିମିତ୍ରୀ ପେସକୋଭ କହିଛନ୍ତି ଯେ, ଟ୍ରମ୍ପଙ୍କର ଟିପ୍ପଣୀ 'ଗମ୍ଭୀର' ଏବଂ ମସ୍କୋ ସେଗୁଡ଼ିକୁ ବିସ୍ତାରିତ ଭାବେ ବୁଝିବାକୁ ଚେଷ୍ଟା କରିବ । ହ୍ୱାଇଟ୍ ହାଉସ୍‌ରେ ନାଟୋ ମୁଖ୍ୟ ମାର୍କ ରୁଟ୍‌ଙ୍କ ସହ ବୈଠକ ବେଳେ ଟ୍ରମ୍ପ କହିଥିଲେ, ଯଦି ୫୦ ଦିନରେ କୌଣସି ଚୁକ୍ତିନାମା ନହୁଏ, ତ ଆମେ ପାଖାପାଖି ୧୦୦ ପ୍ରତିଶତ ଯାଏ ଖୁବ୍ କଡ଼ା ଟାରିଫ୍ ଲଗାଇବୁ । ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ, ୟୁକ୍ରେନକୁ ଆହୁରି ନୂଆ ଅସ୍ତ୍ରଶସ୍ତ୍ର ପଠାଯିବ, ଯେଉଁଥିରେ ପାଟ୍ରିଓଟ ଏୟାର ଡିଫେନ୍ସ ସିଷ୍ଟମ ସାମିଲ ହେବ । ହେଲେ ସେ ଏହା ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ଏଥିପାଇଁ ଦେୟ ଦେବ ନାହିଁ । ଟ୍ରମ୍ପଙ୍କ ଯୋଜନାରେ 'ସେକେଣ୍ଡାରୀ ଟାରିଫ' ଅର୍ଥାତ୍ ସେହି ଦେଶ ଉପରେ ଟାକ୍ସ ଲଗାଇବା ବି ସାମିଲ ଅଛି, ଯେଉଁମାନେ ରୁଷ୍ ତୈଳ ଓ ଗ୍ୟାସ୍ କ୍ରୟ କରନ୍ତି- ଯେମିତି କି ଚୀନ ଓ ଭାରତ । ଏହି ପ୍ରସ୍ତାବ କଂଗ୍ରେସରେ ଆଗତ ହୋଇଥିବା ଏକ ଦ୍ୱିପାକ୍ଷୀୟ ବିଲ୍ ସହ ସମାନ, ଯାହା ଏମିତି ଦେଶ ଉପରେ ୫୦୦ ପ୍ରତିଶତ ଯାଏ ଟାରିଫ୍ ଲଗାଇବାକୁ ସୁପାରିଶ କରିଥାଏ । ଆମେରିକୀୟ ବାଣିଜ୍ୟ ସଚିବ ହାୱାର୍ଡ ଲଟକେନିକ୍ କହିଛନ୍ତି ଯେ, ଟ୍ରମ୍ପଙ୍କ ପାଖରେ ଟାରିଫ୍ ଓ ପ୍ରତିବନ୍ଧକ ଉଭୟ ବିକଳ୍ପ ରହିଛି ଏବଂ ସେ ଏଥିରୁ କିଛି କି ବ୍ୟବହାର କରି ପାରନ୍ତି । ଚୀନ ଆମେରିକାର ସମାଲୋଚନା କରି ଏହାକୁ ଲଙ୍ଗ୍-ଆର୍ମ ଜୁରିସଡିକ୍ସନ କହିଛି । ଚାଇନା ବିଦେଶ ମନ୍ତ୍ରଣାଳୟ କହିଛି ଯେ,ଆମେରିକାକୁ ବେଜିଂ ଓ ମସ୍କୋ ମଧ୍ୟରେ ଶକ୍ତି ସମ୍ପର୍କରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ । ଅନ୍ୟପଟେ ଟ୍ରମ୍ପଙ୍କ ବିବୃତ୍ତି ପରେ ରୁଷ୍ ସ୍ପଷ୍ଟ କରି ଦେଇଛି ଯେ, ସେ କୌଣସି ପ୍ରକାରର ଧମକ ବା ଚାପରେ ନଇଁବେ ନାହିଁ । ରୁଷ୍‌କୁ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବଡ଼ ଚେତାବନୀ । କହିଲେ ,ଯଦି ଆଗାମୀ ୫୦ ଦିନ ଭିତରେ ରୁଷ୍ ,ୟୁକ୍ରେନର ଯୁଦ୍ଧ ରୋକିବାରେ ପ୍ରସ୍ତୁତ ନହୁଏ, ତେବେ ତାକୁ ବଡ଼ ରକମର ଶୁଳ୍କ ବା ଟାରିଫ୍‌ର ସମ୍ମୁଖୀନ ହେବାକୁ ପଡ଼ିବ । ଟ୍ରମ୍ପ କହିଛନ୍ତି, ସେ କେବଳ ଚାହାଁନ୍ତି ଯୁଦ୍ଧ ବନ୍ଦ ହୋଇ ଯାଉ । ରୁଷ୍‌କୁ ମଧ୍ୟ ଯୁଦ୍ଧ ଛାଡ଼ି ବାଣିଜ୍ୟ ଉପରେ ଫୋକସ କରିବା ଉଚିତ୍ । ନାଟୋର ସେକ୍ରେଟାରୀ ଜେନେରାଲ ମାର୍କ ରୁଟ୍‌ଙ୍କ ସହ ଓଭାଲ ଅଫିସରେ ଆଲୋଚନା ବେଳେ ଟ୍ରମ୍ପ ଏହି କଥା କହିଛନ୍ତି । ହ୍ୱାଇଟ୍ ହାଉସ୍ ଡୋନାଲ୍ଡ ଟ୍ରମ୍ପଙ୍କ ବିବୃତ୍ତିକୁ ସ୍ପଷ୍ଟ କରି କହିଛି ଯେ, ସେ ରୁଷ୍‌କୁ ୧୦୦ ପ୍ରତିଶତ ଟାରିଫ୍‌ର ଚେତାବନୀ ଦେଇଛନ୍ତି । ଦ୍ୱିତୀୟ ଶୁଳ୍କର ଅର୍ଥ ରୁଷ୍‌ରୁ ତେଲ କିଣୁଥିବା ଦେଶ ଉପରେ ମଧ୍ୟ ଅତିରିକ୍ତ ଟାରିଫ୍ ବା ଶୁଳ୍କ ଲଗାଯିବ । ଆପଣଙ୍କୁ କହି ରଖୁଛୁ କି, ଭାରତ ମଧ୍ୟ ସେହି ଦେଶ ଗୁଡ଼ିକ ମଧ୍ୟରେ ସାମିଲ ଅଛି, ଯିଏ ରୁଷ୍ ଠାରୁ ତେଲ ଆମଦାନୀ କରନ୍ତି । ପୂର୍ବରୁ ବି ଅନେକ ଥର ଆମେରିକା ଭାରତର ରୁଷ୍ ଠାରୁ ତେଲ କ୍ରୟ ନେଇ ଅଭିଯୋଗ କରିଥିଲା । ହେଲେ ଭାରତ ପ୍ରତି ଥର ଦେଶ ହିତର କଥା କହି ଆମେରିକାର କଥା ଶୁଣିବାକୁ ମନା କରି ଦେଇଛି । ଟ୍ରମ୍ପ କହିଛନ୍ତି , ରୁଷ୍ ଯଦି ମୋ କଥା ନଶୁଣେ ତ ତାକୁ ସାରା ବିଶ୍ୱରେ ଅଲଗା କରିବା ପାଇଁ ପୂରା ପ୍ରୟାସ କରାଯିବ । ରୁଷ୍‌ର ଆର୍ଥିକ ସହଯୋଗୀଙ୍କ ଉପରେ ମଧ୍ୟ ଅତିରିକ୍ତ ଟାରିଫ୍ ଲଗାଯିବ । ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ୟୁରୋପର ଦୃଢ ରହିବା ଜରୁରୀ । ଏହି ସ୍ଥିତିରେ ଯଦି ୟୁରୋପୀୟ ଦେଶ ଆମେରିକାରୁ ସାମରିକ ଉପକରଣ କିଣନ୍ତି ଏବଂ ୟୁକ୍ରେନକୁ ଟ୍ରାନ୍ସଫର କରନ୍ତି ତ ତାଙ୍କର କୌଣସି ଅଭିଯୋଗ ନାହିଁ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das